# ODM PUBLIC SCHOOL

SESSION :3

CLASS :3

SUBJECT : ODIA

CHAPTER NUMBER: 14

CHAPTER NAME : ଖରା ,ବର୍ଷା ,ଶୀତ

SUBTOPIC : ପଠନ କ୍ରିୟା,ଅଭ୍ୟାସ -୩ ଓ ବହିପୃଷ୍ଠା-୧୨୬

CHANGING YOUR TOMORROW

# ଅଧ୍ୟୟନର ଉଦ୍ଦେଶ୍ୟ –

ପିଲାମାନଙ୍କର ଶ୍ରବଣ ,କଥନ,ପଠନ,ଲିଖନ ଓ ଶବ୍ଦାବଳୀ ପ୍ରତି ଧ୍ୟାନ ଦେବା ।



# ଖରା ,ବର୍ଷା,ଶୀତ









ଗାଁଟିର ନାଁ ମୁକ୍ତାପୁର । ସେହି ଗାଁରେ ପ୍ରାୟ ଶହେଘର । ଭକ୍ତବନ୍ଧୁ ଗାଁ'ର ସବୁଠୁ ଧନୀବ୍ୟକ୍ତି । ତାଙ୍କ ନାତୁଣୀର ନାଁ ତୃପ୍ତି ।

 : ଜେଜେ, ଏତେ ଗରମ କାହିଁକି ହେଉଛି ?

 : ଖରାଦିନେ ଖରା ହେବନି ତ କ'ଣ ହେବ ?

 : ଆଜି କାଲି କ'ଣ ଶୀଘ୍ର ସନ୍ଧ୍ୟା ହେଉ ନାହିଁ ?

 : ଖରାଦିନେ ଦିନ ବଡ଼ ହୁଏ । ସୂର୍ଯ୍ୟ ବଡ଼ିଭୋରରୁ ଉଦୟ ହୁଅନ୍ତି । ଡେରିରେ ଅସ୍ତ ଯାଆନ୍ତି । ଖରାଯୋଗୁଁ ଗଛପତ୍ର ଝାଉଁଳି ଯାଏ ।

 : ଗଛପତ୍ର କାହିଁକି ଝାଉଁଳି ଯାଉଛି ?

 : ଅଧିକ ଗରମ ଯୋଗୁଁ ନଈ, ନାଳ ଶୁଖିଯାଏ । ଗରମପବନ ବହେ । ବର୍ଷା ହୁଏ ନାହିଁ । ପାଣି ନପାଇ ଗଛପତ୍ର ଝାଉଁଳି ଯାଏ । ମାଟି ଶୁଖିଯାଏ । ଏ ସମୟରେ ଜମି ହଳ କରାଯାଏ ।

: ଜେଜେ, ଏହି ଖରାଦିନରେ କେଉଁ କେଉଁ ଫଳ ହୁଏ ?

: ଖରାଦିନରେ ଆମ୍ବ, ପଣସ, ସପୁରି, ଜାମୁକୋଳି ପାଚେ । ଏଗୁଡ଼ିକ ଖରାଦିନିଆ ଫଳ ।

ଖରାଦିନେ କେଉଁସବୁ ଫୁଲ ଫୁଟେ ?

: ମଲ୍ଲୀ, ମାଳତୀ, ଟଗରଫୁଲ ଫୁଟେ ।

ପୁଣି କେବେ ବର୍ଷା ହେବ ?

: ରଜପର୍ବ ଓ ଶୀତଳଷଷ୍ଠୀ ବେଳକୁ ବର୍ଷା ହେବ । ବର୍ଷାଦିନ ତତେ କେମିତି ଲାଗେ ?

: ଛି, ଚାରିଆଡ଼େ କାଦୁଅ ପଚ୍‌ପଚ୍ । ବେଳେବେଳେ ସପ୍ତାହ ସପ୍ତାହ ଧରି ବର୍ଷା ହୁଏ । ଝଡ଼ିବର୍ଷା ହେଲେ ଖେଳିପାରେ ନାହିଁ । ନଈବଢ଼ି ହୁଏ । ସ୍କୁଲ୍ ଯିବାକୁ ଅସୁବିଧା । କାଗଜଡଙ୍ଗା ଭସାଏ, କିନ୍ତୁ ବେଶୀ ଭଲ ଲାଗେ ନାହିଁ ।

: ନା, ନା, ସେମିତି କହନା । ବର୍ଷା ନହେଲେ ମରୁଡ଼ି ହେବ । ପାଣି ପଡ଼ିବାରୁ ଗରମ କମିଯାଏ । ବର୍ଷାହେଲେ ଧାନବୁଣା ହୁଏ । ଧାନ ନହେଲେ ଲୋକେ ଖାଇବେ କ'ଣ ? ଗଛର ପତ୍ର କଅଁଳେ । ବର୍ଷାଦିନେ ଭେଣ୍ଡି, ଜହ୍ନି, ସାରୁ, କାଙ୍କଡ଼, ଛଚିନ୍ଦ୍ରା ମିଳେ । ସବୁଜପରିବାରେ ମଜା ଅଛି ନା । ଶୀତଦିନେ ଧାନ ଅମଳ ହୁଏ । ବସ୍ତାବସ୍ତା ଧାନପାଇ ଚାଷୀ ଖୁସି ହୁଏ ।

ODM EDUCATIONAL GROUP


: ଆଚ୍ଛା ଜେଜେ, ଶୀତରୁ କିପରି ରକ୍ଷାମିଳେ ?


: ଶୀତଦିନେ ଅଧିକ ଥଣ୍ଡା ହୁଏ । ଆମେ ଶୀତପୋଷାକ ପିନ୍ଧୁ । ନିଆଁ ଜଳାଇ ତା' ପାଖରେ ବସୁ ।


: ଜେଜେ, କେବଳ କ'ଣ ଆମକୁ ଶୀତ ହୁଏ ? ପକ୍ଷୀମାନଙ୍କୁ କ'ଣ ଶୀତ ହୁଏ ନାହିଁ ? ସେମାନେ ଶୀତରେ କିପରି ରହନ୍ତି ?


: ହଁ, ପକ୍ଷୀ ମାନଙ୍କୁ ଏତେ ଶୀତ ହୁଏ ଯେ ସେମାନେ ଅଧିକ ଶୀତ ହେଉଥିବା ଅଂଚଳରୁ, କମ୍ ଶୀତ ହେଉଥିବା ଅଞ୍ଚଳକୁ ଉଡ଼ି ଆସନ୍ତି ।

୩। ତଳେ ଦିଆଯାଇଥିବା ଅକ୍ଷରଗୁଡ଼ିକ ନେଇ ଶବ୍ଦ ଗଢ଼ ଓ ବାକ୍ୟରେ ରଖ ।

| | | |
|---|---|---|
| ଶ | କ୍ତ | ର |
| ଅ | | |
| ହ | କ୍ତି | କ |
| ର | ବ | |
| ଭ | ପ୍ତ | |
| ଡା | | ମ |
| ମ | ସ୍ତ | |
| ଗୁ | | |
| ମୁ | | |
| ପୁ | | |
| ସ | | |

ଯେପରି –ଶକ୍ତି ,ଡାକ୍ତର
ଶକ୍ତ ,ଅସ୍ତ ,ହସ୍ତ
ରକ୍ତ ,ଭକ୍ତି ,ମସ୍ତକ
ଗୁପ୍ତ ,ମୁକ୍ତ ,ମୁକ୍ତି
ସପ୍ତ ,ପୁସ୍ତକ ଶବ

ODM EDUCATIONAL GROUP
PATHAGARA

ଚିତ୍ର ଦେଖ : ପରିବାଡାଲା ପାଖରେ ପରିବା ନାମ ଲେଖ । ଫଳଡାଲା ପାଖରେ ଫଳର ନାମ ଲେଖ ।



# ଫଳ ଡାଲା



ସେଓ ,କଦଳୀ
ପିଜୁଳି , ତରଭୁଜ
ଆମ୍ବ ,ଅଙ୍ଗୁର

# ପରିବା ଡାଲା



ବାଇଗଣ ,କଲରା
କଖାରୁ ,କାଙ୍କଡ
ମୂଳା ,ବନ୍ଧାକୋବି
ଲଙ୍କା ,ଭେଣ୍ଡି
ବିଲାତି ବାଇଗଣ
ଫୁଲକୋବି ,ଅମୃତଭଣ୍ଡା

# ଗୃହକର୍ମ

## ଅଭ୍ୟାସ-୧୩ କୁ ବହି ରେ କର |



# <u>ପ୍ରଶ୍ନ ଗୁଡିକର ଉତ୍ତର କୁହ ?</u>

ODM EDUCATIONAL GROUP

- ଗାଁ ଟିର ନାମ କଣ ?
- କେଉଁ ଋତୁରେ ଗରମ ହୁଏ ?
- କେଉଁ ଦିନେ ସୂର୍ଯ୍ୟ ଡେରିରେ ଅସ୍ତ ଯାଆନ୍ତି ?
- ଆମ୍ବ ,ସପୁରି ଓ ପଣସ କେଉଁ ଋତୁରେ ସାଧାରଣତଃ ପାଚେ ?
- ସାଧାରଣତଃ କେଉଁ ଋତୁରେ ନଈବଢି ଦେଖାଦେଇଥାଏ ?
- ବର୍ଷା ନ ହେଲେ କଣ ହେବ ବୋଲି ଜେଜେ କହିଲେ ?
- ଆମେ ସ୍ୱେଟର , ମଫଲର କେଉଁ ଋତୁରେ ବ୍ୟବହାର କରିଥାଉ ?

ଆମେ ସାଧାରଣତଃ କେଉଁ ଋତୁ ଅନୁଭବ କରୁ ଓ ସେଗୁଡିକ କଣ

# ପଠନର ମୂଲ୍ୟାଙ୍କନ

ODM EDUCATIONAL GROUP
Changing your Tomorrow



# ୫ଟି ପଠନ ମୂଲ୍ୟାୟନର ପର୍ଯ୍ୟାୟ ସ୍ତର

ODM EDUCATIONAL GROUP
Changing your Tomorrow

୫: ଗପ ସ୍ତର ।

୪: ଅନୁଚ୍ଛେଦ ସ୍ତର ।

୩: ଶବ୍ଦ ସ୍ତର ।

୨: ଅକ୍ଷର ସ୍ତର ।

୧: ପ୍ରାରମ୍ଭିକ ସ୍ତର ।

# ନମୁନା -୨

ODM EDUCATIONAL GROUP
Changing your Tomorrow

## ଗପ ସ୍ତର

ମଧୁପୁର ନାମକ ଗାଁ ଟିଏ । ସେଠାରେ ରାଧୁଆ ନାମକ ପିଲାଟିଏ ଥିଲା । ରାଧୁଆ ର ଗୋଟିଏ ଝିଅ ଥିଲା । ତାର ନାମ ମୀନା । ମୀନା ନାଚ କରିବାକୁ ଭଲ ପାଏ । ଥରେ ନାଚୁ ନାଚୁ ପଡ଼ିଗଲା । ଗୋଡ଼ ତାର ଭାଙ୍ଗି ଗଲା । ସେ ବହୁତ କାନ୍ଦିଲା । ରାଧୁଆ ତାକୁ ବଇଦ ପାଖକୁ ନେଇ ଭଲ କରିଦେଲା ।

## ଅନୁଚ୍ଛେଦ ସ୍ତର

ମାଛ ରହିଥାଏ ପାଣିରେ ।
ସାପ ରହୁଥାଏ ଗାତରେ ।
ପକ୍ଷୀ ରହେ ଗଛ ଡାଳରେ
ପିଲା ପଢେ ପାଠ ଶାଳାରେ ।

## ଶବ୍ଦ ସ୍ତର

ଭାତ ହାତ କୂଳ
ଦେଶ
ପାହାଡ଼
ଧନୁ ବିଦେଶ

## ଅକ୍ଷର ସ୍ତର

ଫ ର ଷ
ଢ଼ ଟ ଜ
ଠ ଶ ଳ

ମଧୁପୁର ନାମକ ଗାଁ ଟିଏ ।ସେଠାରେ
ରାଧୁଆ ନାମକ ପିଲାଟିଏ ଥିଲା । ରାଧୁଆର
ଗୋଟିଏ ଝିଅ ଥିଲା ।ତାର ନାମ ମୀନା ।
ମୀନାନାଚ କରିବାକୁ ଭଲ ପାଏ ।ଥରେ ନାଚୁ
ନାଚୁ ପଡ଼ିଗଲା ଗୋଡ଼ ତାର ଭାଙ୍ଗି ଗଲା ।ସେ
ବହୁତ କାନ୍ଦିଲା । ରାଧୁଆତାକୁ ବଇଦ ପାଖକୁ
ନେଇ ଭଲ କରିଦେଲା ।

ODM EDUCATIONAL GROUP
Changing your Tomorrow

ଏହି ସ୍ତର ଦେଇ ପିଲା ମାନଙ୍କର ପଢ଼ିବା ଫଳାଫଳକୁ ମୂଲ୍ୟାଙ୍କନ କରାଯିବ ।

# ଲବ୍ଧ ଜ୍ଞାନର ଫଳାଫଳ-

ପିଲାମାନଙ୍କର ଶ୍ରବଣ,କଥନ,ପଠନ ଶୈଳୀର ଅଭିବୃଦ୍ଧି ଘଟିବ |



# THANKING YOU

# ODM EDUCATIONAL GROUP